# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 September - 2024**

**News Editor : *Itishree Singh Rathaur***

# ବିଜେପି ସରକାରର ୧୦୦ ଦିନ ପୂର୍ତ୍ତି

ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ତୃତୀୟ ପାଳିକୁ ୧୦୦ଦିନ ପୂର୍ତ୍ତି ହୋଇଛି । କେନ୍ଦ୍ର ସରକାର ଓଡ଼ିଶାରେ ବିଗତ ୧୦୦ ଦିନ ମଧ୍ୟରେ କ'ଣ କାମ କରିଛନ୍ତି ତା'ର ହିସାବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟରେ ୮୫ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାମ ଚାଲିଛି ଏବଂ ୨୫ହଜାର କୋଟି ଟଙ୍କାର ନୂଆ ରେଳ ପ୍ରକଳ୍ପ କାର୍ଯ୍ୟକୁ ମଞ୍ଜୁରୀ ମିଳିଛି ବୋଲି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ବାହାନଗା ପରି ରେଳ ଦୁର୍ଘଟଣାକୁ ରୋକିବା ପାଇଁ ଆସନ୍ତା ୬ବର୍ଷ ମଧ୍ୟରେ ରେଳରେ କବଚ ସିଷ୍ଟମ ଲଗାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ବାତ୍ସଲ୍ୟ ଯୋଜନା–ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ। ଓଡ଼ିଶାର ଭୁବନେଶ୍ୱର, ଢେଙ୍କାନାଳ ଏବଂ ବାଲେଶ୍ୱର ସମେତ ଦେଶର ୭୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଯୋଜନା ଅଧୀନରେ ଅଭିଭାବକମାନେ ସେମାନଙ୍କର ନାବାଳକ ପିଲାମାନଙ୍କ ପାଇଁ ବ୍ୟାଙ୍କ

ଜମାଖାତା ଖୋଲି ସେଥିରେ ସଞ୍ଚୟ କରିପାରିବେ। ପିତାମାତାମାନେ ବାର୍ଷିକ ହଜାରେ ଟଙ୍କା ନିବେଶ କରିପାରିବେ । ନାବାଳକରୁ ସାବାଳକ ହେବା ପରେ ଏହି ଆକାଉଣ୍ଟ ନିୟମିତ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) ଆକାଉଣ୍ଟରେ ରୂପାନ୍ତରିତ ହେବ। ଏହି ଯୋଜନା ମାଧ୍ୟମରେ ଅବସର ଜୀବନ ପାଇଁ ସଞ୍ଚୟ କରିବାର ସୁଯୋଗ ମିଳିବ। ଏହାବ୍ୟତୀତ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ନାବାଳକଙ୍କ ପାଇଁ ସ୍ଥାୟୀ ଅବସର ଖାତା ନମ୍ବର - ପ୍ରାନ୍ କାର୍ଡ ବଣ୍ଟନ ପାଇଁ ଏକ ଅନ୍‌ଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ କରିବେ ।

## ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ୨୩ ତାରିଖ ସୋମବାରଦିନ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ବାସଭବନରେ ଜନସାଧାରଣ ଅଭିଯୋଗ ଶୁଣାଣି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି । ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ ଆସନ୍ତାକାଲି ଦିନ ୧୧ଟା ଠାରୁ ଆରମ୍ଭ ହେବ । ସର୍ବାଧିକ ହଜାରେ ଜଣ ପଞ୍ଜିକରଣ କରିପାରିବେ । ଜନଶୁଣାଣି ପୋର୍ଟାଲ **janasunani.odisha.gov.in** ଏବଂ ଜନଶୁଣାଣି ମୋବାଇଲ ଆପ୍‌ରେ ଅଭିଯୋଗକାରୀମାନେ ପଞ୍ଜିକରଣ କରିପାରିବେ ।

## ରତ୍ନଭଣ୍ଡାର ସର୍ବେକ୍ଷଣ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏଏସ୍ଆଇ ପକ୍ଷରୁ ଆଜି ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ହେବ । ଏଏସ୍ଆଇର ୨୬ଜଣିଆ ଦଳ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବେ । ଶ୍ରୀଜୀଉମାନଙ୍କର ନୀତିକାନ୍ତିରେ ଆଜି କୌଣସି ପରିବର୍ତ୍ତନ ନ ହୋଇଥିଲେ ମଧ୍ୟ ବିଶେଷ ନୀତି ପାଇଁ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ବିଶେଷ ନୀତିନିର୍ଘଣ୍ଟ ଅନୁସାରେ ଅପରାହ୍ଣ ଗୋଟାଏ ଠାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ରାଜ୍ୟ ସରକାରଙ୍କର ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ନିରୀକ୍ଷଣ କାମ ଚାଲିବ ।

## ଅପରପକ୍ଷ

ଆଶ୍ୱିନ ମାସର କୃଷ୍ଣପକ୍ଷ ଆଜିଠାରୁ ଆରମ୍ଭ ହେଉଛି । ଏହି ପକ୍ଷକୁ ଅପରପକ୍ଷ କୁହାଯାଏ । ଅପରପକ୍ଷ ଆସନ୍ତା ମାସ ୨ ତାରିଖ ଅମାବାସ୍ୟା ତିଥି ପର୍ଯ୍ୟନ୍ତ ଚାଲିବ । ଅପରପକ୍ଷରେ ପିତୃ ପୁରୁଷଙ୍କର ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରିଥାନ୍ତି । ପିତୃ ପୁରୁଷଙ୍କୁ ପିଣ୍ଡଦାନ ତଥା ମହାଳୟା ଶ୍ରାଦ୍ଧ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ତୀର୍ଥରାଜ ମହୋଦଧୀ, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ସମେତ ଯାଜପୁର ନାଭିଗୟା, ଭୁବନେଶ୍ୱର ଏକାମ୍ର କ୍ଷେତ୍ରରେ ବିନ୍ଦୁସାଗର ପୁଷ୍କରଣୀ କୂଳରେ

ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ । ଏହି ସମୟରେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତି ହୋଇଥିବାରୁ ଦେବଦେବୀଙ୍କର ଶୟନ କାଳରେ ପିତୃକାର୍ଯ୍ୟ କରିବା କର୍ମକାଣ୍ଡରେ ବ୍ୟବସ୍ଥା ରହିଛି ।

# ବିକାଶ ମେଳା

ସମ୍ବଲପୁର ଜିଲ୍ଲାରେ ବିକାଶମେଳାର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମେଳା ଆସନ୍ତା ୨୧ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସହରର ମନ୍ଦଲିଆ ପଡ଼ିଆରେ ଅନୁଷ୍ଠିତ ହେବ । ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡ଼ିକୁ ଜନସାଧାରଣଙ୍କୁ ଅବଗତ ଓ ସଚେତନ କରିବା ପାଇଁ ଏହି ବିକାଶମେଳାର ଆୟୋଜନ କରାଯାଉଛି । ଏହି ମେଳାରେ ବିଭିନ୍ନ ଲୋକକଳା ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ।

# ଶିକ୍ଷାନୁଷ୍ଠାନ-ନିଶାମୁକ୍ତ

ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାନାମା ଅନୁସାରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଶିକ୍ଷକ ନିଶାସେବନ କରୁନାହାନ୍ତି ବୋଲି ଲିଖିତ ଭାବେ ସରକାରଙ୍କୁ ଜଣାଇବେ । ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଲାଗୁ ହୋଇଥିବା ତମାଖୁମୁକ୍ତ କରିବା ପାଇଁ

ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏକ ସର୍ଭେ ଅନୁସାରେ ୨୦୧୯ ମସିହାରେ ୧୩ ବର୍ଷ ବୟସରୁ ୧୫ ବର୍ଷ ବୟସ ମଧ୍ୟରେ ୮ ଦଶମିକ ୫ ପ୍ରତିଶତ ସ୍କୁଲ ପିଲା ତମାଖୁ ବ୍ୟବହାର କରିଥାନ୍ତି । ପ୍ରତ୍ୟେକ ବର୍ଷ ୫ହଜାର ୫୦୦ରୁ ଅଧିକ ସ୍କୁଲ ପିଲା ତମାଖୁ ବ୍ୟବହାର ଆରମ୍ଭ କରୁଛନ୍ତି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ଦିନ ବର୍ଷାର ପରିମାଣ ହ୍ରାସ ପାଇବ, ତେବେ ଆସନ୍ତାକାଲିଠାରୁ ପୁଣିଥରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।